[2009] 15 S.C.R.

ଭାରତୀୟ ଚିକିତ୍ସା ପରିଷଦ

ବନାମ

ମାନସ ରଞ୍ଜନ ବେହେରା ଏବଂ ଅନ୍ୟମାନେ

(2009 ର ଦେୱାନୀ ଆବେଦନ ସଂଖ୍ୟା 7134-35)

ଅକ୍ଟୋବର 26, 2009

**[ଭାରତର ପ୍ରଧାନ ବିଚାରପତି, କେ.ଜି. ବାଲକ୍ରିଷ୍ଣନ ଏବଂ ନ୍ୟାୟମୂର୍ତ୍ତି, ପି. ସତଶିବମ୍]**

*ଶିକ୍ଷା/ଶିକ୍ଷା ଅନୁଷ୍ଠାନ ଗୁଡିକ :*

*ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା - ନିର୍ଦ୍ଧାରିତ ସମୟ ସୂଚୀ - ସମୟ ସୀମା ଶେଷହେବା ପରେ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ - ନିର୍ଣ୍ଣୟ କରାଗଲା : ନିୟମାବଳୀରେ ଦିଆଯାଇଥିବା ସମୟ ସୂଚୀକୁ ସମସ୍ତ ସମ୍ପୃକ୍ତଙ୍କ ଦ୍ୱାରା କଡ଼ାକଡ଼ି ପାଳନ କରାଯିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶକୁ ପାରିତ କରିବା ଉଚିତ ନଥିଲା - ତେବେ, ଏହା ଜଣାପଡିଛି ଯେ ସମ୍ପୃକ୍ତ ଛାତ୍ରଛାତ୍ରୀମାନେ ଯୋଗ୍ୟ ଥିଲେ, ଏବଂ ଅପ୍ରତ୍ୟାଶିତ ପରିସ୍ଥିତି ହେତୁ, ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନାମଲେଖାଇ ପାରିନଥିଲେ - ସେମାନଙ୍କୁ ନାମଲେଖା ଦେବାରେ ବିଳମ୍ବକୁ ଏକକାଳୀନ ପଦକ୍ଷେପ ଭାବରେ କ୍ଷମା କରାଯାଏ - ତେବେ ଏହା ସ୍ପଷ୍ଟ କରାଯାଇଛି ଯେ, ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ ।*

*ମୃଦୁଲ ଧର (ନାବାଳକ) ଏବଂ ଅନ୍ୟଜଣେ ବନାମ ଭାରତ ସଂଘ ଏବଂ ଅନ୍ୟମାନେ* **2005 (2) SCC 65, ଉପରେ ନିର୍ଭର କରାଯାଇଥିଲା ।**

**ନିର୍ଣ୍ଣୟ ବିଧି ସନ୍ଦର୍ଭ :**

**2005 (2) SCC 65 ନିର୍ଭର କରୁଥିଲା ଅନୁଚ୍ଛେଦ 2 ଉପରେ ।**

ଦେୱାନୀ ଆବେଦନ ଅଧିକାରିତା : 2009 ର ଦେୱାନୀ ଆବେଦନ ସଂଖ୍ୟା 7134-35 ।

2008ର ଡବ୍ଲୁ.ଏ. ସଂଖ୍ୟା 200 ଏବଂ 201ରେ କଟକସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ତା 27.10.2008 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ପାଇଁ ଅଭିନବ ମୁଖାର୍ଜୀ, ଗୌରବ ଶର୍ମା, ସୁମିତ ଭାଟିଆ ଏବଂ ସୁରଭୀ ମେହେତା ।

ଉତ୍ତରଦାତାମାନଙ୍କ ପାଇଁ ଅମରେନ୍ଦ୍ର ବାଲ୍, ପଙ୍କଜ କୁମାର ସିଂହ, ଡ. ବିନୋଦ ତିୱାରୀ, ଜେ.ପି.ଏନ୍. ଗୁପ୍ତା (କେ.ଏଲ୍. ଜାନଜାନୀଙ୍କ ପାଇଁ), ଜନ କଲ୍ୟାଣ ଦାସ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା ।

# ଭାରତୀୟ ଚିକିତ୍ସା ପରିଷଦ ବନାମ ମାନସ ରଞ୍ଜନ ବେହେରା ଏବଂ ଅନ୍ୟମାନେ

## ଆଦେଶ

1. ଅନୁମତି ପ୍ରଦାନ କରାଗଲା ।

2. ସମ୍ପୃକ୍ତ ବର୍ଷର 30 ସେପ୍ଟେମ୍ବରର ଶେଷ ତାରିଖ ପରେ 12 ଜଣ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ବିଚାରପତିଙ୍କ ବିଚାରପୀଠ ଦ୍ୱାରା ଦିଆଯାଇଥିବା ଆଦେଶକୁ ଭାରତୀୟ ଚିକିତ୍ସା ପରିଷଦ ଆପତ୍ତି କରିଛନ୍ତି । 2005 (2) SCC 65 ରେ ବିବୃତ ମୃଦୁଲ ଧର (ନାବାଳକ) ଏବଂ ଅନ୍ୟଜଣେ ବନାମ ଭାରତ ସଂଘ ଏବଂ ଅନ୍ୟମାନଙ୍କ କ୍ଷେତ୍ରରେ ଏହା ଲକ୍ଷ୍ୟ କରାଯାଇପାରେ, ଯେ ଏହି ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି ଯାହା ମେଡିକାଲ ଓ ଡେଣ୍ଟାଲ କଲେଜରେ ଛାତ୍ରଛାତ୍ରୀଙ୍କ ନାମଲେଖା ସମ୍ବନ୍ଧରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶକୁ ପାଳନ କରିବେ । ରାୟର ଅନୁଚ୍ଛେଦ 35ର ନିର୍ଦ୍ଦେଶନାମା-15ରେ, ଆମେ ଏହା ମଧ୍ୟ ସୂଚିତ କରିଛୁ ଯେ, "ନିୟମାବଳୀରେ ନିର୍ଦ୍ଧାରିତ ସମୟସୀମାକୁ ସମସ୍ତ ସମ୍ପୃକ୍ତ ପକ୍ଷ କଡ଼ାକଡ଼ି ଭାବେ ପାଳନ କରିବେ, ନଚେତ୍ ଖିଲାପି ପକ୍ଷ ବିରୋଧରେ ବ୍ୟକ୍ତିଗତ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।"

ଏହି ନିର୍ଦ୍ଦେଶଗୁଡ଼ିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶ ପାରିତ କରିବା ଉଚିତ ନଥିଲା । ତେବେ, ଆମେ ଲକ୍ଷ୍ୟ କରିଛୁ ଯେ ଏହି 12 ଜଣ ଛାତ୍ର ଯୋଗ୍ୟ ଥିଲେ ଏବଂ ଅପ୍ରତ୍ୟାଶିତ ପରିସ୍ଥିତି ହେତୁ ସେମାନେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ନାମଲେଖାଇ ପାରିନଥିଲେ । ଏକକାଳୀନ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ନାମଲେଖା ପାଇଁ ବିଳମ୍ବକୁ ଆମେ କ୍ଷମା କରୁଛୁ । ତେବେ, ଆମେ ସ୍ପଷ୍ଟ କରୁଛୁ ଯେ ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମାକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ ।

ସେହି ଅନୁଯାୟୀ ଆବେଦନଗୁଡ଼ିକର ସମାଧାନ କରାଯାଇଛି ।

ଆର୍.ପି. ଆବେଦନଗୁଡ଼ିକର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*
ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।